# ଓଡିଶାର ଲାଲୁ – ଜୟ ହୋ !

### ଲାଲୁଙ୍କ ଓଡିଶୀ ସଂସ୍କରଣ

ଓଡିଶାର ଲାଲୁ ଆଉ କେହି ନୁହଁନ୍ତି, ସେ ହେଉଛନ୍ତି ବିହାରରେ ଲାଲୁ ପ୍ରସାଦ ଯାଦବଙ୍କ ଭଳି ଓଡିଶାରେ ମୁଖ୍ୟମନ୍ତ୍ରୀ ହେବାରେ ହାଟ୍ରିକ କରିଥିବା ଖୋଦ୍ ନବୀନ ପଟ୍ଟନାୟକ । ଅବଶ୍ୟ ପ୍ରଶ୍ନ ଉଠିପାରେ, ସ୍ୱାଧୀନତା ପରେ ଭାରତର ବିଭିନ୍ନ ରାଜ୍ୟରେ ବହୁ ନେତା ୩ଥର ମୁଖ୍ୟମନ୍ତ୍ରୀ ହୋଇପାରିଛନ୍ତି, ଯଥା ପଶ୍ଚିମବଙ୍ଗର ଜ୍ୟୋତି ବସୁ, କର୍ଣ୍ଣାଟକର ଏସ୍.ନିଜଲିଙ୍ଗପା, ଆନ୍ଧ୍ର ପ୍ରଦେଶର ଏନ୍.ଟି.ରାମାରାଓ, ହରିଆଣାର ବଂଶୀଲାଲ, ତାମିଲନାଡୁର ଏମ୍. କରୁଣାନିଧି, ଦିଲ୍ଲୀର ଶୀଲା ଦୀକ୍ଷିତ ଓ ଗୁଜୁରାଟର ନରେନ୍ଦ୍ର ମୋଦି ପ୍ରମୁଖ; ତେବେ ନବୀନଙ୍କୁ କେବଳ ଲାଲୁଙ୍କ ସହିତ କାହିଁକି ଏଠାରେ ତୁଳନା କରାଯାଉଛି ? ଏହାର ମୁଖ୍ୟ କାରଣ, ଉଭୟ ଲାଲୁ ଓ ନବୀନ୍ ବାହାସ୍ଫୋଟ ମାରିବାରେ ଯେତିକି ସମର୍ଥ, ଚରମ ଜନ-ବିରୋଧି କାର୍ଯ୍ୟ କରିବାରେ ସେତିକି ଓସ୍ତାଦ୍ । ଲାଲୁ ଓ ତାଙ୍କ ପତ୍ନୀ ମିଶି ତିନିଥର ମୁଖ୍ୟମନ୍ତ୍ରୀ ହେବାପରେ ବିହାରର ଯେଉଁ ସର୍ବାତ୍ମକ ଦୁର୍ଦ୍ଦଶା ଘଟିଲା, ସେହିଭଳି ଏକ ପ୍ରକ୍ରିୟା ଗତ ଦଶବର୍ଷ ଧରି ଓଡିଶାରେ ଦ୍ରୁତ ଆଗେଇ ଚାଲିଛି ଏବଂ ତାହା ନବୀନଙ୍କ ଆଗାମୀ ୫ବର୍ଷର ମୁଖ୍ୟମନ୍ତ୍ରୀତ୍ୱ ପରେ ମୁଣ୍ଡି ମରିବାକୁ ଯାଉଛି । ବର୍ତ୍ତମାନ ଯେମିତି ନୀତିଶ କୁମାର ଲାଲୁଙ୍କ ଲମ୍ବା ଶାସନକାଳ ଭିତରେ ପ୍ରତିକ୍ଷେତ୍ରରେ ଅସଜଡ ହୋଇ ପଡିଥିବା ବିହାରକୁ ମୋଟାମୋଟି ଏକ ଚଳନୀୟ ସ୍ଥିତିକୁ ଆଣିବାକୁ ଯାଇ ନାକେଦମ୍ ହୋଇପଡୁଛନ୍ତି, ଠିକ୍ ସେମିତି ନବୀନଙ୍କ ଶାସନ ପରେ ଯିଏ ବି ଚାହିଁବ ଓଡିଶାର ଦୟନୀୟ ସ୍ଥିତିକୁ ସାଧାରିବା ପାଇଁ, ସେ ନିଶ୍ଚିତ ରୂପେ ନୀତିଶଙ୍କ ଭଳି ହଟହଟା ହେବ । ଲାଲୁ ଓ ନବୀନଙ୍କ ଭିତରେ ଆଉ ଏକ ସାଦୃଶ୍ୟ ହେଲା ଚାଲି ନଜାଣି ବାଟର ଦୋଷ ନୀତି । ଲାଲୁ ବିହାରର ଦୁରବସ୍ଥା ପାଇଁ କେତେବେଳେ କେନ୍ଦ୍ରର ପାତରଅନ୍ତର ନୀତି ତ ଆଉ କେତେବେଳେ ସାଂପ୍ରଦାୟିକ ସଂଘପରିବାରର ଷଡଯନ୍ତ୍ର ଦାୟୀ ବୋଲି କହଥାନ୍ତି । ଠିକ୍ ସେହିପରି ଓଡିଶାର ଦୁର୍ଦ୍ଦଶା ପାଇଁ ନବୀନ ତାଙ୍କର ପ୍ରଥମ କାର୍ଯ୍ୟକାଳ ଭିତରେ ରାଜ୍ୟର ପୂର୍ବତନ କଂଗ୍ରେସ ସରକାର ଉପରେ ଦୋଷ ଲଦି ଚାଲୁଥିଲେ ଓ ଦ୍ୱିତୀୟ କାର୍ଯ୍ୟକାଳ ବେଳେ କେନ୍ଦ୍ରର ଉପା ସରକାରଙ୍କ ପାତରଅନ୍ତରକୁ ଅଙ୍ଗୁଳି ନିର୍ଦ୍ଦେଶ କଲେ । ବର୍ତ୍ତମାନ ତାଙ୍କର ତୃତୀୟ କାଯ୍ୟକାଳ ଆରମ୍ଭ ହେବା ବେଳୁ ସେ ଗାଇବା ଆରମ୍ଭ କରିଦେଲେଣି ଯେ, ଓଡିଶାର ମୁଖ୍ୟ ବାଧା ହେବ କେନ୍ଦ୍ରୀୟ ଉପା ସରକାରଙ୍କ  ବୈମାତୃକ ମନୋଭାବ । ଅର୍ଥାତ୍ ଆଗାମୀ ପାଞ୍ଚବର୍ଷ ଭିତରେ ଓଡିଶାର ସ୍ଥିତି ଯଦି ଅଧିକ ଦୟନୀୟ ହୋଇ ପଡେ, ତେବେ ସେତେବେଳେ ସେ କେନ୍ଦ୍ର ସରକାରଙ୍କ ମୁଣ୍ଡରେ ଦୋଷ ଦେଇ ନିଜେ ଖସିଯିବେ । ପୁଣି ଲାଲୁ ଓ ନବୀନଙ୍କ ଭିତରେ ଆଉ ଏକ ବଡ ସାଦୃଶ୍ୟ ରହିଛି ନିଜର ସହଯୋଗୀ ଚୟନ କରିବା କ୍ଷେତ୍ରରେ । ଲାଲୁ ଦୁର୍ନୀତିଗ୍ରସ୍ତ ଓ କୁଖ୍ୟାତ ଅପରାଧୀମାନଙ୍କୁ ନିର୍ବାଚନରେ ଟିକେଟ୍ ଦେଇଆସୁଥିଲେ । ଅନ୍ୟ ପଟରେ ନବୀନ ଯେଉଁମାନଙ୍କୁ ଦୁର୍ନୀତି କାରଣରୁ ନିଜେ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିଥିଲେ, ସେମାନଙ୍କ ଭିତରୁ ଅନେକଙ୍କୁ ବାଛିବାଛି ଗତ ନିର୍ବାଚନରେ ଟିକେଟ୍ ଦେଇ ବିଧାନସଭାକୁ ଆଣିବାରେ ସଫଳ ହୋଇଛନ୍ତି । ଅବଶ୍ୟ ଏହି ଦୁଇ ନେତାଙ୍କ ଭିତରେ ଗୋଟିଏ ବଡ ଫରକ୍ ମଧ୍ୟ ରହିଛି । ଲାଲୁଙ୍କର ଅପକର୍ମ ଯାହା ଥାଉନା କାହିଁକି, ସେ ହିନ୍ଦୀ, ଉର୍ଦ୍ଦୁ ଓ ଏପରିକି ସ୍ଥାନୀୟ ଭୋଜପୁରୀ ଭାଷାରେ ଢଗଢମାଳି ସହ ବେଶ୍ ମଜାଦାର୍ କଥା କହି ଶ୍ରୋତାମାନଙ୍କର ମନୋରଞ୍ଜନ କରିଥାନ୍ତି । କିନ୍ତୁ ନବୀନ ବାବୁ ଓଡିଶାରେ ଦୀର୍ଘ ଏଗାରବର୍ଷ ଧରି ରାଜନୀତି କରିବା ପରେ ବି କେବଳ ଇଂରେଜି ବା ହିନ୍ଦିରେ କହିଥାନ୍ତି, ଯାହା ଫଳରେ ଓଡିଆ ଲୋକେ ତାଙ୍କ କଥା ବୁଝିପାରିବାର କୌଣସି ସୁଯୋଗ ନଥାଏ ।

### ଗାଁ ପରିମଳ ଲୁଗାଟୁଠରୁ

ଗତ ନିର୍ବାଚନ ଗୁଡିକରେ ନବୀନ ଓଡିଶାର ଦ୍ରୁତ ବିକାଶ କଥା କହି କ୍ଷମତାସୀନ ହୋଇଛନ୍ତି, କିନ୍ତୁ ପ୍ରଶ୍ନ ଉଠୁଛି, ତାହା କି ପ୍ରକାର ବିକାଶ ଏବଂ ସେ ବିକାଶ କେଉଁଠି ଅଛି ? କଥାରେ ଅଛି ଗାଁ ପରିମଳ ଲୁଗାଟୁଠରୁ । ଏହି ଲେଖକ ବିଚାରରେ ରାଜ୍ୟର ବିକାଶର ମାନଦଣ୍ଡ ଏହାର ବସ୍‌ଷ୍ଟାଣ୍ଡଗୁଡିକର ଅବସ୍ଥାରୁ ବିଚାର କରିବା ଠିକ୍ ହେବ, କାରଣ ରାଜ୍ୟର ପୁରପଲ୍ଲୀରୁ ତଥା ବାହାର ରାଜ୍ୟରୁ ଅଗଣିତ ସଂଖ୍ୟକ ଲୋକେ ବସ୍‌ଷ୍ଟାଣ୍ଡ ଦେଇ ଯାତାୟତ କରନ୍ତି  । ଆପଣ ଓଡିଶାର ଯେ କୌଣସି ଛୋଟବଡ ସରକାରୀ ବସ୍‌ଷ୍ଟାଣ୍ଡକୁ ଯାଆନ୍ତୁ, ସେଠାରେ ଯେଉଁ ସରକାରୀ ଶୌଚାଗାର ରହିଛି, ସେଥିରେ କୁକୁର କି ବିରାଡି ବି ମଧ୍ୟ ପଶିବେ ନାହିଁ । ପୁରୁଷମାନଙ୍କୁ ତରବର ହୋଇ ଯେକୌଣସି ସ୍ଥାନରେ ଠିଆଠିଆ 'ଏକ' କରିବାକୁ ପଡେ ଏବଂ ମହିଳାମାନଙ୍କୁ ଅନ୍ତତଃ ଅଧ ଫର୍ଲଙ୍ଗ ଯାଇ ନିରୋଳା, ଅନ୍ଧାରୁଆ ଜାଗା ଦେଖି ପ୍ରାକୃତିକ ଡାକରାକୁ ପ୍ରଶମନ କରିବାକୁ ପଡିଥାଏ । ଲାଲୁ ଓ ନବୀନ ମାର୍କା ବିକାଶର ଦ୍ୱିତୀୟ ନମୁନା ହେଲା ରାସ୍ତାର ଅବସ୍ଥା । ସମସ୍ତେ ଜାଣନ୍ତି, ଲାଲୁ ପ୍ରଥମେ ମୁଖ୍ୟମନ୍ତ୍ରୀ ହେବାବେଳେ ଗୋଟିଏ ରାସ୍ତାରେ ଯେଉଁ ଛୋଟ ଗାତଟିଏ ଥିଲା, ତାହା ସେ କ୍ଷମତାରୁ ବିଦା ହେବାବେଳକୁ ଗୋଟିଏ ଗାଡିଆର ଆକାର ଧାରଣ କରିସାରିଥିଲା । ନବୀନଙ୍କ ସମୟରେ ପରିସ୍ଥିତି ଅଧିକ ଭୟଙ୍କର ହୋଇପଡୁଛି । କେଉଁଝର, ସୁନ୍ଦରଗଡ ଓ ମୟୁରଭଞ୍ଜ ଭଳି ଜିଲ୍ଲାମାନଙ୍କରେ ମୁଖ୍ୟରାସ୍ତାଗୁଡିକ ଏମିତି କଦର୍ଯ୍ୟ ଓ ଭିଡକ୍ଲିଷ୍ଟ ହୋଇପଡିଛି, ମାଲମାଲ ଟ୍ରକ୍ ଘଣ୍ଟାଘଣ୍ଟା ଧରି ଅଟକି ରହୁଛି, ଯାହା ଫଳରେ ସାଇକେଲରେ ମଧ୍ୟ ଯାତାୟତ ସମ୍ଭବ ହେଉନାହିଁ । ନବୀନ ବାବୁଙ୍କର ଆଉ ଏକ ଆସ୍ଫାଳନ ହେଲା, ତାଙ୍କର ପୁନର୍ବାସ ଓ ପୁନଃସଂସ୍ଥାନ ନୀତି କୁଆଡେ ଭାରତରେ ସର୍ବଶ୍ରେଷ୍ଠ ! କିନ୍ତୁ ସେ ନିଜେ ନିଜର ତୂରୀ ଫୁଙ୍କିବା ପୂର୍ବରୁ ଥରେ ହେଲେ ଏହି ନୀତି ବିଷୟରେ ବିସ୍ଥାପିତ ଲୋକଙ୍କ ମତ ଶୁଣିଛନ୍ତି କି  ? ନବୀନ ପ୍ରଥମେ ଜାଣିବା ଦରକାର ଯେ, ଗୋଟିଏ ଘରୋଇ କମ୍ପାନୀ ପାଇଁ କୃଷି ଉପଯୋଗୀ ବା ଜନବସତି ଥିବା ଜମି ଅଧିଗ୍ରହଣ କରାଯାଇ ପାରିବ ନାହିଁ ବୋଲି ଇଂରେଜ ଅମଳରୁ ବୈଧାନିକ କଟକଣା ରହିଆସିଛି, କିନ୍ତୁ ସେ ବାଛିବାଛି ଓଡିଶାର ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଜମି ଓ ଜନବସତିକୁ ଶାଗମାଛ ମୂଲ୍ୟରେ ଦେଶୀବିଦେଶୀ କମ୍ପାନୀ ହାତକୁ ଟେକି ଦେବାର ମସୁଧା କରି ବିସ୍ଥାପିତମାନଙ୍କ ଆନ୍ଦୋଳନକୁ ଲାଠିଗୁଳି ବଳରେ ଦମନ କରି ଆସିଛନ୍ତି । ଏବେ ଠୁଁ ଜଳଜଳ ଦେଖାଯାଉଛି, ଆଗାମୀ ପାଞ୍ଚବର୍ଷ ଭିତରେ ନବୀନ ଲାଠିଗୁଳି ସାହାଯ୍ୟରେ ରାଜ୍ୟର ବାକିସବୁ ଉର୍ବର ଅଞ୍ଚଳକୁ ଘରୋଇ କମ୍ପାନୀମାନଙ୍କୁ ହସ୍ତାନ୍ତର କରିଦେବେ ।

### କନ୍ଧମାଳର ନେପଥ୍ୟ ଖଳନାୟକ

ଲାଲୁ ମୂଳରୁ ନିଜକୁ ଦଳିତ ଓ ସଂଖ୍ୟାଲଘୁଙ୍କ ମସୀହା ବୋଲି ବିଜ୍ଞାପନ କରିଆସୁଛନ୍ତି, କିନ୍ତୁ ଏବେ ବିହାରର ଲୋକେ ତାଙ୍କର ଦ୍ୱୈତ ଚରିତ୍ର ବିଷୟରେ ଜାଣିଗଲେ । ୧୯୮୯ରେ କଂଗ୍ରେସ ସରକାର ଅମଳରେ ଭାଗଲପୁରର ମୁସ୍‌ଲିମ୍-ବିରୋଧୀ ଦଙ୍ଗାର ଜଣେ ପ୍ରମୁଖ ଖଳନାୟକ କାମେଶ୍ୱର ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଲାଲୁ ୨୦୦୪ରେ ସାଂପ୍ରଦାୟିକ ସଦ୍‌ଭାବର ଜଣେ ଅଗ୍ରଦୂତ ବୋଲି ପୁରସ୍କୃତ କରିଥିଲେ ଏବଂ ରାବଡ଼ି ଦେବୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଭାଗଲପୁର ଦଙ୍ଗାପୀଡିତଙ୍କୁ କ୍ଷତିପୂରଣ ଦେବା କାର୍ଯ୍ୟ ଅଧାରୁ ବନ୍ଦ କରିଦେଇଥିଲେ । କିନ୍ତୁ ଗତ ୨୦୦୬ରେ ନୀତିଶ୍ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ଭାଗଲପୁର ଦଙ୍ଗା ଉପରେ ପୁଣି ଏକ କମିଶନ୍ ବସାଇ ବଞ୍ଚିତ ଦଙ୍ଗାପୀଡିତଙ୍କୁ କ୍ଷତିପୂରଣ ଦିଆଇଲେ ଏବଂ ଏହା ସହିତ ସେଠିକାର ଅଦାଲତ ଦଙ୍ଗାକାରୀ କାମେଶ୍ୱରଙ୍କୁ ଆଜୀବନ ଜେଲ୍‌ଦଣ୍ଡ ପ୍ରଦାନ କଲେ । ସାଂପ୍ରଦାୟିକତା ପ୍ରସଙ୍ଗ ଉପରେ ନବୀନଙ୍କ ଚରିତ୍ର ଲାଲୁଙ୍କ ଠାରୁ ଅଧିକ ଘୃଣ୍ୟ । 'ଧର୍ମନିରପେକ୍ଷତା ମୋର ଅସ୍ଥିଗତ'- ନବୀନଙ୍କର ଏହି ବହୁପ୍ରଚାରିତ ବାଗାଡମ୍ବର ସହ ମୁଖ୍ୟମନ୍ତ୍ରୀ ଭାବେ ତାଙ୍କର ପ୍ରକୃତ ଭୂମିକାର ଟିକେ ହେଲେ ତାଳମେଳ ନାହିଁ । ଏହାର ପ୍ରମାଣ, ଏବେ ବି ୨୫୦୦ ଜନ ସଂଖ୍ୟାଲଘୁ ଓ ଦଳିତ ବ୍ୟକ୍ତି କନ୍ଧମାଳର ୫ଟି ଶରଣାର୍ଥୀ ଶିବିରରେ ପ୍ରାଣଭୟରେ ଦିନ କଟାଉଛନ୍ତି । କାରଣ ପ୍ରମୁଖ ଦଙ୍ଗାକାରୀମାନେ ଏବେ ବି ନବୀନଙ୍କ ଠାରୁ ଅଭୟବାଣୀ ପାଇ ଖୋଲାଖୋଲି ଘୁରି ବୁଲୁଛନ୍ତି ଏବଂ ସଂଖ୍ୟାଲଘୁଙ୍କୁ ଜୀବନରେ ମାରିଦେବାର ଧମକ ଦେଉଛନ୍ତି । ଏହାଛଡା, ସମସ୍ତେ ଜାଣିଛନ୍ତି ଯେ, ୨୫ଅଗଷ୍ଟରେ ସ୍ୱଷ୍ଟ ଦିବାଲୋକରେ ସିଷ୍ଟର୍ ମୀନା ଧର୍ଷିତା ହୋଇଥିଲେ ଏବଂ ତାଙ୍କ

ସହିତ ଫାଦର୍ ଚେଲାନ୍ ମଧ୍ୟ ଅପମାନିତ ହୋଇଥିଲେ । ସେମାନେ ସେହିଦିନ ଏଫ୍.ଆଇ.ଆର୍. ଦରଜ କରିଥିଲେ ହେଁ ଦୀର୍ଘ ଏକମାସ ଧରି ମୁଖ୍ୟମନ୍ତ୍ରୀ ତଥା ଗୃହମନ୍ତ୍ରୀ ନବୀନ ବାବୁ ନିଶ୍ଚିନ୍ତ ଭାବେ ନୀରବ ରହିଲେ ଏବଂ କେବଳ ଯେତେବେଳେ ସିଷ୍ଟର୍ ମୀନା ଦିଲ୍ଲୀରେ ରହି ସାମ୍ବାଦିକ ସମ୍ମିଳନୀରେ ନିଜର ଅକୁହା କାହାଣୀ ଗଣମାଧ୍ୟମରେ ପ୍ରକାଶ କଲେ, ସେତେବେଳେ ବର୍ଦ୍ଧିଷ୍ଣୁ ଆନ୍ତର୍ଜାତିକ ଓ ଜାତୀୟ ଜନମତର ଚାପରେ ନବୀନ ବାବୁ କିଛି ଉପରଠାଉରିଆ ପଦକ୍ଷେପ ନେବାକୁ ବାଧ୍ୟ ହେଲେ । ପ୍ରାୟ ୨୫ ହଜାର ସଂଖ୍ୟାଲଘୁ ଓ ଦଳିତ ଲୋକେ ନିଜ ଗାଁଗଣ୍ଡାରୁ ବିତାଡିତ ହୋଇ କନ୍ଧମାଳର ବିଭିନ୍ନ ଶରଣାର୍ଥୀ ଶିବିରରେ ଆଶ୍ରୟ ନେଇଥିଲେ । ଏହାଛଡା ହଜାରହଜାର ସଂଖ୍ୟାଲଘୁ ପରିବାର ପୁରାପୁରି କନ୍ଧମାଳ ଛାଡି ଯେ ଯୁଆଡେ ପଳାଇଗଲେ । ଏବେବି ନବୀନ ସରକାରଙ୍କ ପାଖରେ ସେମାନଙ୍କ ସ୍ଥିତି ବିଷୟରେ କୌଣସି ତଥ୍ୟ ନାହିଁ ।  କାଳେ ଏନ୍.ଜି.ଓ. ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଶିବିରାର୍ଥୀଙ୍କ ଠାରୁ ପ୍ରକୃତ ସତ୍ୟ ହାସଲ କରିନେବେ, ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ କନ୍ଧମାଳର ସ୍ୱତନ୍ତ୍ର ପ୍ରଶାସକ ପ୍ରତି ଶିବିରକୁ ଗୋଟିଏ ଗୋଟିଏ କନ୍‌ସେଣ୍ଟ୍ରେସନ୍ କ୍ୟାମ୍ପ୍‌ରେ ପରିଣତ କରିଦେଲେ, ଉଭୟ ଶିବିରାର୍ଥୀ ଓ ବାହାରର ନାଗରିକଙ୍କ ଯାତାୟତ ଉପରେ ସଂପୂର୍ଣ୍ଣ ନିଷେଧ ଜାରିକଲେ ତଥା ଶିବିର ଭିତରେ ଫଟୋ କି ଭିଡିଓ ଉତ୍ତୋଳନକୁ ନିଷିଦ୍ଧ କଲେ । ଅନ୍ୟ ପକ୍ଷରେ ଚଳିତ ଦଙ୍ଗାର ଅନ୍ୟତମ ଖଳନାୟକ ଶ୍ରୀ ଲମ୍ବୋଦର କହଁରଙ୍କୁ ମୁଖ୍ୟମନ୍ତ୍ରୀ ମୂଳରୁ ଏପର୍ଯ୍ୟନ୍ତ ସ୍ୱତନ୍ତ୍ର ପୋଲିସ୍ ସୁରକ୍ଷା ଦେଇଚାଲିଛନ୍ତି । କନ୍ଧମାଳ ଦଙ୍ଗାକୁ ନେଇ ମୁଖ୍ୟମନ୍ତ୍ରୀଙ୍କର ଆଉ ଏକ ମନୋଭାବ ଏବେବି ରହସ୍ୟାବୃତ୍ତ ହୋଇରହିଛି । କେବଳ ରାଜ୍ୟ ଶାସକ ମେଣ୍ଟର ଦୁଇଟି ଦଳକୁ ଛାଡିଦେଲେ ଅନ୍ୟ ସମସ୍ତେ ଚାହୁଁଥିଲେ, ଉଭୟ ଲକ୍ଷ୍ମଣାନନ୍ଦ ହତ୍ୟା ଓ ପରବର୍ତ୍ତୀ ଦଙ୍ଗାର ଅନୁସନ୍ଧାନ ସି.ବି.ଆଇ.କୁ ଦିଆଯାଉ; କିନ୍ତୁ ଏହି ପ୍ରସ୍ତାବକୁ ମୂଳରୁ ଦୁଇଜଣ ବ୍ୟକ୍ତି ସମସ୍ୱରରେ ଦୃଢ ବିରୋଧ କଲେ, ଜଣେ ହେଉଛନ୍ତି ବିଶ୍ୱ ହିନ୍ଦୁ ପରିଷଦର ପ୍ରବୀଣ ତୋଗାଡିଆ, ଏବଂ ଅନ୍ୟ ଜଣକ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏବେ ବି ମୁଖ୍ୟମନ୍ତ୍ରୀ କନ୍ଧମାଳ ଘଟଣାର ସି.ବି.ଆଇ. ତଦନ୍ତକୁ ବିରୋଧ କରନ୍ତି, କାରଣ ସେ କଣ୍ଟିନ୍ କାଳେ ଚାହାଁନ୍ତି ନି ଉଭୟ ଲକ୍ଷ୍ମଣାନନ୍ଦ ହତ୍ୟା ଏବଂ ପରବର୍ତ୍ତୀ ଦଙ୍ଗାକୁ ରୋକିବାରେ ତାଙ୍କର ଚରମ ବିଫଳତାର ପର୍ଦ୍ଦାଫାସ୍ ହେଉ । କେବଳ ସେତିକି ନୁହେଁ, ପଦ୍ମପୁରରେ ରଜନୀ ମାଝିଙ୍କୁ ଜୀବନ୍ତ ଦଗ୍ଧ କରିଥିବା ମୁଖ୍ୟ ଅଭିଯୁକ୍ତଙ୍କୁ ବହୁଦିନ ଧରି ଗିରଫ ନକରିବା ଏବଂ ପରେ ତାଙ୍କୁ ଜାମିନ୍ ଦେବା କ୍ଷେତ୍ରରେ ନବୀନ ସରକାରଙ୍କର ପ୍ରଚ୍ଛନ୍ନ ଭୂମିକା ରହିଛି ।

**ବି.ପି.ଏଲ୍. କାନ୍ଦଣା**

ଲାଲୁ ଯେପରି ଭୋଟ୍ ପାଇଁ ଦଳିତ ଓ ପଛୁଆ ବର୍ଗଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦିଥାନ୍ତି, ନବୀନ ସେହିପରି ଗତ ୬ମାସ ଧରି ବି.ପି.ଏଲ୍.ଙ୍କ ପାଇଁ ବାହୁନିବା ଆରମ୍ଭ କରିଦେଇଛନ୍ତି  । କିଛି ସମୀକ୍ଷକଙ୍କ ମତରେ, ନବୀନଙ୍କ ୨ଟଙ୍କିଆ ଚାଉଳ କାର୍ଯ୍ୟକ୍ରମ ତାଙ୍କୁ ଏପରି ବିପୁଳ ବିଜୟ ଆଣିଦେଇଛି । କିନ୍ତୁ ଏହି କାର୍ଯ୍ୟକ୍ରମର ଅସଲ ଚେହେରା ଅତ୍ୟନ୍ତ ସାଂଘାତିକ । ପ୍ରଥମତଃ ୮ଟି କେ.ବି.କେ. ଜିଲ୍ଲାରେ ବି.ପି.ଏଲ୍.ଙ୍କ ସହିତ ଏ.ପି.ଏଲ୍.ମାନଙ୍କ ପାଇଁ ୨ଟଙ୍କିଆ ଚାଉଳ ବ୍ୟବସ୍ଥା କରାଯାଇଥିବାରୁ କଲେକ୍ଟର୍ ବା ଏସ୍.ପି. ଭଳି ବଡବଡ ଅଫିସରଙ୍କ ସହିତ ରାଜନେତା ଓ କୋଟିପତିମାନେ ମଧ୍ୟ ଏହି ଚାଉଳ ନେଇ ଏହାକୁ ଚଢା ଦରରେ ବଜାରରେ ବିକ୍ରୀ କରି ପ୍ରତିମାସରେ ବେଶ୍ କିଛି ମାହାଳିଆ ମୁନାଫା ଅର୍ଜନ କରିପାରୁଛନ୍ତି । ଅନ୍ୟପଟରେ ଉପକୂଳ ଜିଲ୍ଲା ମାନଙ୍କରେ କେବଳ ବି.ପି.ଏଲ୍.ଙ୍କ ପାଇଁ ୨ଟଙ୍କିଆ ଚାଉଳ ଚାଲୁ କରାଯାଇଛି । କିନ୍ତୁ ୧୯୯୭ମସିହାର ସର୍ଭେକୁ ଆଧାର କରାଯାଇଥିବାରୁ ଗୋଟିଏ ପଟରେ ବହୁ ଗରୀବ ପରିବାର ବଞ୍ଚିତ ହେଉଛନ୍ତି, ଏବଂ ଅନ୍ୟପଟରେ କୋଠାଘର ଓ ଜମିବାଡି ଥିବା ପରିବାରମାନେ ଏହି ଦୁଇଟଙ୍କିଆ ଚାଉଳ ହାତେଇ ପାରୁଛନ୍ତି । ବର୍ତ୍ତମାନ ପ୍ରତି ଉପକୂଳୀୟ ଗ୍ରାମରେ ନୂଆ କରି ଗୋଟିଏ ଗୋଟିଏ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଗଢି ଉଠିଛି, ଯେଉଁମାନଙ୍କର ପେଷା ହେଲା କେଜି ପିଛା ୨ଟଙ୍କା ବଦଳରେ ୫/୬ ଟଙ୍କା ଦେଇ ସ୍ୱଚ୍ଛଳ ପରିବାରଙ୍କ ଠାରୁ ବି.ପି.ଏଲ୍. ଚାଉଳ ସଂଗ୍ରହ କରିବା ଏବଂ ତାକୁ ବଜାରରେ ୧୨/୧୩ ଟଙ୍କାରେ ବିକ୍ରୀକରିବା । ଏହିଭଳି ପ୍ରତି ଗାଁରେ ସ୍ୱଚ୍ଛଳ ପରିବାର ଏବଂ ଅସାଧୁ ବ୍ୟବସାୟୀଙ୍କୁ ନେଇ ଏକ ଦୁଷ୍ଟଚକ୍ର ଗତ ୬ମାସ ଭିତରେ ସୃଷ୍ଟି ହୋଇଛନ୍ତି ଏବଂ ସେମାନେ ଚାହାଁନ୍ତି, ପୁରୁଣା ବି.ପି.ଏଲ୍. ସର୍ଭେର ସଂଶୋଧନ ନହେଉ ଏବଂ ୨ଟଙ୍କିଆ ଚାଉଳ ବ୍ୟବସ୍ଥା ଏମିତି ବଜାୟ ରହୁ, ଯାହା ଫଳରେ ସେମାନେ ବିନା ମିହନ୍ତରେ ଅଳ୍ପ ଦିନ ଭିତରେ ମାଲେମାଲ ହୋଇପାରିବେ  । ଏହି ଦୁଷ୍ଟଚକ୍ରହିଁ ପ୍ରତି ଉପକୂଳୀୟ ଗାଁରେ ଯୁବଗୋଷ୍ଠୀଙ୍କୁ ମଦମାଂସ ଦେଇ ଏବଂ ଭୋଟର୍‌ମାନଙ୍କୁ ଟଙ୍କା ବାଣ୍ଟି ବି.ଜେ.ଡି.କୁ ବିପୁଳ ବିଜୟ ଆଣିଦେଇଛି । ନବୀନଙ୍କର ବି.ପି.ଏଲ୍. ଲୋକଙ୍କ ପ୍ରତି ଦରଦ ପ୍ରଦର୍ଶନକୁ ସନ୍ଦେହ କରିବାର ଅନ୍ୟାନ୍ୟ କାରଣ ମଧ୍ୟ ରହିଛି । ସୂଚନା ଅଧିକାର ଆଇନ୍ ଅଧୀନରେ କେନ୍ଦ୍ର ଓ ଅନ୍ୟ ସମସ୍ତ ରାଜ୍ୟ ସରକାର ବି.ପି.ଏଲ୍. ମାନଙ୍କ ପାଇଁ ସମସ୍ତ ଫିସ୍ ଛାଡ କରିଥିବା ବେଳେ ଓଡିଶା ସରକାର କେବଳ ୧୦ଟଙ୍କାର ଦରଖାସ୍ତ ଫିସ୍ ଛାଡ କରିଛନ୍ତି, କିନ୍ତୁ ସୂଚନା ପ୍ରଦାନ ବାବଦକୁ ଅନ୍ୟ ୨ଟି ଫିସ୍ ଆଦାୟ କରିଚାଲିଛନ୍ତି, ଯାହା ଫଳରେ ବି.ପି.ଏଲ୍. ଲୋକଙ୍କୁ ଏହି ଆଇନ୍ ଠାରୁ ଦୂରେଇ ରଖିବାରେ ନବୀନ ସରକାର ବେଶ୍ ସଫଳ ହୋଇଛନ୍ତି ।

**ଦୁର୍ନୀତି ଓ ଅପାରଗତା**

ଯେତେସବୁ ପ୍ରଗତିଶୀଳ କେନ୍ଦ୍ରୀୟ ଆଇନ୍ ଓ କାର୍ଯ୍ୟକ୍ରମ ଓଡିଶାରେ ଚାଲୁ କରାଯାଇଛି, ସେଗୁଡିକ ବାବଦରେ ମିଳିଥିବା ଅର୍ଥରାଶିର ସିଂହଭାଗ ଅମଲାତନ୍ତ୍ର ଦ୍ୱାରା ଚଳୁ ହୋଇଯିବା ପରେ ବାକୀ ଅର୍ଥରାଶିକୁ ଖର୍ଚ୍ଚ କରି ନପାରି ଫେରସ୍ତ ଦେଇଦେବା ହିଁ ନବୀନ ସରକାରଙ୍କର ଏକ ପ୍ରମୁଖ ବୈଶିଷ୍ଟ୍ୟ । ଏହା ମଧ୍ୟ ଥିଲା ବିହାରରେ ଲାଲୁଙ୍କ ରେକର୍ଡ । ଓଡିଶାରେ ଏନ୍.ଅର୍.ଇ.ଜି.ଏ. ପାଣ୍ଠିର ବ୍ୟାପକ ବାଟମାରଣା ହୋଇଛି ବୋଲି ଖୋଦ୍ ଭାରତ ସରକାରଙ୍କ ସି.ଏଣ୍ଡ.ଏ.ଜି. ରିପୋର୍ଟ ଦେଇଥିଲେ, କିନ୍ତୁ ସେହି ଆତ୍ମସାତ୍ ଅର୍ଥକୁ ଆଦାୟ ବା କୌଣସି ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନର ଗୋଟିଏ ସୁଦ୍ଧା ନଜିର୍ ନାହିଁ । ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ନିୟମାବଳୀ ୨୦୦୭ ଅନୁଯାୟୀ ଓଡିଶାରେ ଗୋଟିଏ ଡିସିମିଲ୍ ଜଙ୍ଗଲ ଜମି ଆଦିବାସୀ କିମ୍ବା ଜଙ୍ଗଲ ଅଧିବାସୀଙ୍କୁ ହସ୍ତାନ୍ତର ହୋଇପାରିନାହିଁ । ଘରୋଇ ହିଂସାରୁ ମହିଳାଙ୍କ ସୁରକ୍ଷା ଆଇନ୍ ୨୦୦୫ର ସ୍ଥିତି ମଧ୍ୟ ଓଡିଶାରେ ତଦୃପ ଉପେକ୍ଷିତ । ସୂଚନା ଅଧିକାର ଆଇନ୍-୨୦୦୫ ଅନୁଯାୟୀ କେନ୍ଦ୍ରରେ କିମ୍ବା ଅନ୍ୟ କୋଣସି ରାଜ୍ୟରେ ଦରଖାସ୍ତ ପାଇଁ କୋଣସି ଫର୍ମ କିମ୍ବା ଭୋଟର୍ ପରିଚୟ ଦରକାର ପଡୁନଥିବା ବେଳେ ନବୀନ ସରକାର ଏହାକୁ ଓଡିଶାରେ ବାଧ୍ୟତାମୂଳକ କରିଛନ୍ତି । ଯେଉଁମାନଙ୍କୁ ସୂଚନା କମିଶନର୍ ଭାବେ ନିଯୁକ୍ତି ଦିଆଯାଇଛି, ସେମାନେ ତାଙ୍କର ମୂଳ କାମ, ଅଭିଯୋଗ ଓ ଅପିଲ୍‌ର ଫଇସଲା, ଛାଡି ସଭାସମିତିରେ ଭାଷଣ ଓ ବୋଲକରା ଏନ୍.ଜି.ଓ. ମାନଙ୍କୁ ପାଣ୍ଠି ବିତରଣରେ ବେଶ୍ ଉତ୍ସାହ ଦେଖାଇଛନ୍ତି । ହଁ, କେବଳ ଗୋଟିଏ କ୍ଷେତ୍ରରେ ନବୀନ ସରକାରଙ୍କର ଏକ ସୁଦୃଶ୍ୟ ସଫଳତା ଦୃଷ୍ଟିଗୋଚର ହୋଇଥାଏ, ତାହା ହେଲା, ସମ୍ବିଧାନରେ ନିରୁତ୍ସାହ କରାଯାଇଥିବା ନିଶାପ୍ରସାରକୁ ମଦ ନିଗମ୍ ଜରିଆରେ ରାଜ୍ୟସାରା ପ୍ରୋତ୍ସାହନ ଦେବା ଏବଂ ଆଦିବାସୀ ଅଞ୍ଚଳରେ ବିହାରୀ ଭାଟିବାଲାଙ୍କର ଏକ ନୂତନ ଶୋଷଣଚକ୍ରକୁ ମଜବୁତ୍ କରିବା । ନବୀନ ବାବୁଙ୍କ କାର୍ଯ୍ୟକାଳରେ ଦୁର୍ନୀତି ଓ ଅପାରଗତାର ଏହି ଗତିବେଗ ଯଦି ବଜାୟ ରହେ, ତେବେ ବର୍ତ୍ତମାନର ଚରମ ଦାରିଦ୍ର୍ୟ, ଅନାହାର, ଶିଶୁମୃତ୍ୟୁ, ମାତୃମୃତ୍ୟୁ, ପିଲାବିକ୍ରୀ, ଦୁର୍ନୀତି, ପୋଲିସ୍‌ର ଦମନଲୀଳା ଇତ୍ୟାଦି ସହିତ ଅନ୍ୟ ସମସ୍ତ ନକାରାତ୍ମକ କ୍ଷେତ୍ରରେ ଆଗାମୀ ୫ବର୍ଷରେ ଓଡିଶା ଶୀର୍ଷତମ ସ୍ଥାନ ଦଖଲ କରିବ, ଏଥିରେ ସନ୍ଦେହ ନାହିଁ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobile- 9437577546, Dt 21 May 2009